# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 November - 2024**

**News Editor : *Itishree Singh Rathaur***

*************************************

## ପ୍ରଧାନମନ୍ତ୍ରୀ-ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଗତ ସଂଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ସାଂସଦ, ବିଧାୟକ ଓ ମନ୍ତ୍ରୀମାନଙ୍କ ସହ ନବଗଠିତ ବିଜେପି ସରକାର ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଆଲୋଚନା କାଳରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ବୈଠକ ପରେ ପ୍ରଧାନମନ୍ତ୍ରୀ ଦଳୀୟ ନେତାଙ୍କ ସହ ରାତ୍ରିଭୋଜନ କରିଥିଲେ । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦର ନିକଟରେ ଏକ ଜନସଭାକୁ ସମ୍ବୋଧିତ କରିଥିଲେ । ଏନ୍‌ଡିଏ ସରକାର ଅମଳରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ଆଗାମୀ ଦିନରେ ଓଡ଼ିଶା ବିଶ୍ୱସ୍ତରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ରାଜ୍ୟ ଲୋକସେବା ଭବନରେ ଆରମ୍ଭ ହୋଇଥିବା ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଆଜି ଓ ଆସନ୍ତାକାଲି ଯୋଗଦେବେ ।

ଆସନ୍ତାକାଲି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ-ସ୍ୱରାଷ୍ଟ୍ରମନ୍ତ୍ରୀ

ତିନୋଟି ନୂଆ ଅପରାଧିକ ଆଇନ୍ ଦ୍ୱାରା ଦେଶର ଅପରାଧିକ ନ୍ୟାୟ ପ୍ରଣାଳୀ ଦଣ୍ଡ ପରିବର୍ତ୍ତେ ନ୍ୟାୟ କେନ୍ଦ୍ରୀତ ହୋଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ଭୁବନେଶ୍ୱରରେ ଅଣଷଠିତମ ପୋଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ଶାହା କହିଛନ୍ତି ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ର ଏବଂ ୨୦୨୭ ମସିହା ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଲାଗି ସୁରକ୍ଷା ପ୍ରତିଷ୍ଠାନ ଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ଶ୍ରୀ ଶାହା ଶୂନ୍ୟ ସହନଶୀଳ ନୀତି କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ । ଏହି ତିନିଦିନିଆ ସମ୍ମିଳନୀର ପ୍ରଥମ ଦିନରେ ଗୁଇନ୍ଦା ବ୍ୟୁରୋର ଅଧିକାରୀମାନଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ପୁଲିସ ପଦକ ପ୍ରଦାନ କରିବା ସହ 'ର୍‍ୟାଙ୍କିଙ୍ଗ ଅଫ୍ ପୋଲିସ ଷ୍ଟେସନ୍ସ' ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ଏଥିରେ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ରାଜ୍ୟର ଗଞ୍ଜାମ ଜିଲ୍ଲାର ପାଟପୁର ଥାନାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ପୁରସ୍କୃତ କରିଥିଲେ । ଅପରାଧ ହାର, ତଦନ୍ତ, ମାମଲା ସମାଧାନ ଏବଂ ଗୁଣାତ୍ମକ ସେବା ପ୍ରଦାନ ଭଳି ବିଭିନ୍ନ ମାନଦଣ୍ଡ ଆଧାରରେ ପାଟପୁର ଥାନାକୁ ଏହି ପୁରସ୍କାର ମିଳିଛି ।

ଥାନା ଅଧିକାରୀ ସବ୍ୟସାଚି ମଲ୍ଲ କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ପ୍ରଶଂସାପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ ।

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏହି ସମ୍ମିଳନୀରେ ଆଜି ଓ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବେ । ବୈଠକରେ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଏଥିରେ ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନିଶାଦ୍ରବ୍ୟ କାରବାର, ସାଇବର ଅପରାଧ ଏବଂ ଆର୍ଥିକ ସୁରକ୍ଷା ପ୍ରଭୃତି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ରୂପରେଖ ପ୍ରସ୍ତୁତ କରାଯିବ । ବୈଠକରେ ୩ଟି ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରୀତା ଏବଂ ପୁଲିସ ବ୍ୟବସ୍ଥା ସହ ଜଡିତ କେତେକ ବିଷୟରେ ମଧ୍ୟ ସମୀକ୍ଷା କରାଯିବାର କର୍ଯ୍ୟକ୍ରମ ରହିଛି ।  ରାଷ୍ଟ୍ରପତି ପୋଲିସ ପଦକ ପାଇଥିବା ଅଧିକାରୀମାନଙ୍କୁ ସମ୍ମିଳନୀରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି ।

ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ ମୁଖ୍ୟ ଏବଂ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଗୁଡ଼ିକର ମୁଖ୍ୟମାନେ ଯୋଗ ଦେଇଛନ୍ତି । ଆଭାସୀ ମାଧ୍ୟମରେ ସାରା ଦେଶରୁ ଅନେକ ପୁଲିସ ଅଧିକାରୀମାନେ ଅଂଶଗ୍ରହଣ କରୁଛନ୍ତି ।

# ଦେବ ଦୀପାବଳୀ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ୩ଦିନ ବ୍ୟାପୀ ମହାପ୍ରଭୁଙ୍କ ଦେବ ଦୀପାବଳି ନୀତି ଅନୁଷ୍ଠିତ ହେବ । ଏହି ୩ଦିନ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ପ୍ରଦାନ କରିବାର ବିଧି ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଏବଂ ଶୁକ୍ଳ ପ୍ରତିପଦା ତିଥିରେ ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦ୍ୱୀପଦାନ କରିଥାନ୍ତି । ଶ୍ରୀଜୀଉମାନେ ଶ୍ରାଦ୍ଧ ବେଶରେ ସଜ୍ଜିତ ହୋଇ ସତ୍ୟଯୁଗର ଅଦିତି ଓ କଶ୍ୟପ, ତ୍ରେତୟା ଯୁଗର କୌଶଲ୍ୟା ଓ ଦଶରଥ ଏବଂ ଦ୍ୱାପର ଯୁଗର ଦେବକୀ ଓ ବସୁଦେବ ଏବଂ ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥାନ୍ତି ।

# ଲୋକକଳା ମହାକୁମ୍ଭ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଲୋକକଳା ମହାକୁମ୍ଭ ନୃତ୍ୟ ସଙ୍ଗମ ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟସରକାର ଓ ପ୍ରତିଭା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଉଦ୍‌ଘାଟନ କରିଥିଲେ । ଏହିଭଳି କାର୍ଯ୍ୟକ୍ରମ ଲୁପ୍ତପ୍ରାୟ ଲୋକକଳା ଓ ଲୋକସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ଅବସରରେ ବିଭିନ୍ନ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା ।

# ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁର ରେଳଷ୍ଟେସନ ପରିସରରେ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ଲାଟଫର୍ମର ଉନ୍ନତି ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏଥିରେ ଷ୍ଟେସନ ସମ୍ପ୍ରସାରଣ, ଆଲୋକିକରଣ ଏବଂ ବିଭିନ୍ନ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି ଭଳି ସମସ୍ୟାର ତୁରନ୍ତ ସମାଧାନ ଉପରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା ।

# ପାନୀୟଜଳ ସମସ୍ୟା

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଗମ୍ଭୀରଗୁଡା ପଞ୍ଚାୟତ ଖଇରଭାଡି ଗାଁରେ ପାଣିରେ ଫ୍ଲୋରାଇଡ ପରିମାଣ ଅଧିକ ଥିବା ଜଣାପଡିଛି । ସଂପୃକ୍ତ ଗାଁର ୩ଟି ସାହିରେ ଥିବା ୧୨ଟି ନଳକୂପର ପାଣି ଆଦୌ ପିଇବା ଯୋଗ୍ୟ ନଥିବା ପରୀକ୍ଷାରେ ସ୍ପଷ୍ଟ ହୋଇଛି । ନିକଟରେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୧୦୮ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୧୪ଜଣ ଆଣ୍ଠୁଗଣ୍ଠି ଜନିତ ଓ ଦାନ୍ତରୋଗରେ ପୀଡିତ ହୋଇଥିବା ଜଣାପଡିଛି । ଫ୍ଲୋରାଇଡ ମୁକ୍ତ ବିଶୁଦ୍ଧ ପାନୀୟଜଳ ଏହି ସମସ୍ୟାରୁ ରକ୍ଷା କରିପାରିବ ବୋଲି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନବକିଶୋର ସୂଚନା ଦେଇଛନ୍ତି ।

# କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିର

ପୁରୀ ବେଳାଭୂମିରେ ଅନୁଷ୍ଠିତ ଚତୁର୍ଥ ଓ୍ୱାକୋ ଓଡ଼ିଶା ରାଜ୍ୟ ଉଚ୍ଚ ସମ୍ପାଦନାସ୍ତରୀୟ ଆମେଚ୍ୟୋର କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିରରେ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ସଂଘର ୩୩ଜଣ ଖେଳାଳି ଭାଗ ନେଇଥିଲେ । ଶିବିରରେ ରାଜ୍ୟସଭା ସାଂସଦ ସୁବାଶିଷ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ସଚିବ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ୯ଜଣ ଓଡ଼ିଶା କିକ୍ ବକ୍ସିଂ ପ୍ରଶିକ୍ଷକ ଭାବେ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି ।